ଅପୁତ୍ରକ ହୋଇ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ
ବଦୟନ୍ତି ଅଗସ୍ତି ଶୁଣ ଯୋଗେଶ୍ୱର
ୟେସନେକ ଚରିତ ହାଦେ ଯେ ହୋଇଲା ଭୀଷ୍ମଙ୍କର । ୧ ।
ଭୀଷ୍ମ ଦାର ସଂଘରିଲେ ପିତାର ନିମନ୍ତେ
ଗଙ୍ଗାର ଶାପୁଂ ଅପୁତ୍ରିକ ହୋଇଲେ ଆବର ବେନି ଭ୍ରାଥେ । ୨ ।
ୟେମନ୍ତେଣ ରାଜ୍ୟ କରନ୍ତି ବେନି ଭାଇ
ଅନେକ ଯାଗ ଯଗ୍ୟ କରନ୍ତି ସନ୍ତତି ଅର୍ଥ ପାଇଂ । ୩ ।
ଗଙ୍ଗାର ଶାପ କେ ଆନ କରି ପାରି
ଅନେକ ବାଗେଣ ଯେ ପୁତ୍ର ନୋହିଲା ତାହାଙ୍କରି । ୪ ।
ଅପୁତ୍ରିକ ହୋଇ ରାଜ୍ୟ କଲେ ତିନି ଭ୍ରାଥେ
ପଞ୍ଚୁ କଟକେ ରାଜ୍ୟକଲେ ନବ ସହସ୍ର ବରଷ ପରିଯନ୍ତେ । ୫ । numbers longevity 900 years
ମହା କ୍ଷତ୍ରୀପଣେ ଅନେକ ରାଜ୍ୟ ସାଧି
ଚିତ୍ର ବିଚିତ୍ରଙ୍କୁ ହୋଇଲା ଗଳିତ କୋଷ୍ଠ ବ୍ୟାଧି । ୬ ।
ଅନେକ ବେଦ ବୈଦ୍ୟେ କରି ଉତୁରି ନୋହିଲା superstition leprosy
ନାନା ମଉଷଧି କିଛିହିଂ ନ କାଟିଲା । ୭ ।
ୟେହି ରୋଗେଣ ନାଶ ଗଲାକ ଚିତ୍ରବୀର୍ଯ୍ୟ
ବଞ୍ଚିତେ ନୁଆରିଣ ସେ ହୋଇଲେ ପ୍ରାଣ ତ୍ୟାଜ । ୮ ।
ସମୟକେ ବିଚିତ୍ରବୀର୍ଯ୍ୟ ପ୍ରୟାଗେଣ ଗଲେ
ଅପୁତ୍ରିକ ଦୋଷେ ସେ ତ୍ରିବେଣୀ ସଙ୍ଗମେ ଝାସ ଦେଲେ । ୯ ।
ଚିତ୍ର ବିଚିତ୍ର ବୀର୍ଯ୍ୟ ନାଶ ଗଲେ ଅପୁତ୍ରିକ ହୋଇ
ଭୀଷ୍ମେ ଦାରା ସଂଘରିଲେ ପୁତ୍ର ଜାତ ନାହିଂ । ୧୦ ।
ଇନ୍ଦ୍ର ପ୍ରଶସ୍ତ ଯମ ପ୍ରଶସ୍ତ ହସ୍ତିନା ଜଇନ୍ତା ବାରୁଣା
ହତ ପାଟ ହୋଇଲା ନାହିଂ ନା ଧାରଣା । ୧୧ ।
ଭୀଷ୍ମେ ଦିଗ ବିଜେ କରି ଶତ୍ରୁଙ୍କୁ ବିନାଶି
ପଞ୍ଚୁରାଜ୍ୟ ସମ୍ଭାଳିଲେ ଅଇରି ଦର୍ପ ଧଂସି । ୧୨ ।
ପାରେଶ୍ୱର ପଚାରିଲେ ଶାୟେନ୍ତନୁଙ୍କୁ ରାଇ
ୟେତେ ବଡ ବଂଶ ବୁଡିଲା ଗଙ୍ଗାର ଶାପ୍ୟ ପାଇ । ୧୩-୭୮୮ ।

--------

୧୧ ।୨ ଉତପାତ ହୋଇଲା ପୃଥୀରେ ନାହିଂ ନା ଧାରଣା ।
୧୩ ।୨ ୟେତେ ବଂଶ ବୁଡିଲା ସମ୍ଭାଳନ୍ତା କେହି ନାହିଂ ।

***********